# REGIONAL NEWS UNIT, AIR CUTTACK
**Morning Bulletin (7.05 AM)**
**14 November – 2025**

## ନୂଆପଡ଼ା - ଭୋଟ ଗଣତି

ନୂଆପଡ଼ା ବିଧାନସଭା ଉପନିର୍ବାଚନ ଲାଗି ଆଜି ସକାଳ ୮ଟାରୁ ନୂଆପଡ଼ା ନ୍ୟାସନାଲ କଲେଜ ପରିସରରେ ଭୋଟ୍‌ଗଣତି ଆରମ୍ଭ ହେବ। ମୋଟ୍ ୧୪ଟି ଟେବୁଲ୍‌ରେ ୨୬ ରାଉଣ୍ଡ୍ ଗଣତି ହେବ । ଏ ସଂପର୍କରେ ଆମ ନୂଆପଡ଼ା ସମ୍ବାଦଦାତାଙ୍କ ରିପୋର୍ଟ:

**V/O**

ନୂଆପଡ଼ା ଉପନିର୍ବାଚନ ପାଇଁ ଗତ ୧୧ ତାରିଖରେ ଦିନ ୩୫୮ଟି ବୁଥ୍‌ରେ ମତଗ୍ରହଣ କରାଯାଇଥିଲା। ବିଜେପିର ଜୟ ଢୋଲକିଆ, ବିଜେଡିର ସ୍ନେହାଙ୍ଗିନୀ ଛୁରିଆ ଓ କଂଗ୍ରେସର ଘାସିରାମ ମାଝୀଙ୍କୁ ମିଶାଇ ମୋଟ୍ ୧୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ ।

## ବିହାର ନିର୍ବାଚନ

ବିହାର ବିଧାନସଭା ନିର୍ବାଚନ ପାଇଁ ଆଜି ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ମତଗ୍ରହଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୬ ତାରିଖରେ ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୧ ତାରିଖ ଦିନ ୨୦ଟି ଜିଲ୍ଲାର ୧୨୨ଟି ଆସନ ପାଇଁ ମତଦାନ ହୋଇଥିଲା ।

# କେନ୍ଦ୍ରମନ୍ତ୍ରୀ

ଆଗାମୀ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଦେଶର ନାଗରିକଙ୍କ ଉତ୍ତମ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ତେଣୁ ରୋଗର ଚିକିତ୍ସା ଅପେକ୍ଷା ପୂର୍ବରୁ ହିଁ ରୋଗର ପ୍ରତିରୋଧ କରିବା କ୍ଷେତ୍ରରେ ଦେଶକୁ ଦୀର୍ଘକାଳୀନ ସ୍ୱତନ୍ତ୍ର ନୀତି ପ୍ରସ୍ତୁତ କରିବାକୁ ହେବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି । ଭୁବନେଶ୍ୱରସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍ଟି ପରିସରରେ କୋହଟ୍ ଷ୍ଟଡିଜ୍ ଉପରେ ୨ ଦିନିଆ ଜାତୀୟ ସମ୍ମିଳନୀକୁ ଗତକାଲି ଉଦ୍‌ଘାଟନ କରି ଶ୍ରୀ ସିଂ କହିଛନ୍ତି, ନୂତନ ଚିକିତ୍ସା ଏବଂ ଆଧୁନିକ ଔଷଧ ଗୁଡ଼ିକୁ ଦୀର୍ଘକାଳୀନ ତଥ୍ୟ ମାଧ୍ୟମରେ ମୂଲ୍ୟାଙ୍କନ କରିବା ଆବଶ୍ୟକ ।

ସମ୍ମିଳନୀରେ ସମନ୍ୱିତ ରୋଗ ନିରୂପଣ, ଜନ୍ମ ପରିଣାମ ଗବେଷଣା ଆଦି ସଂପର୍କରେ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଥିଲା ।

---

# ରାଷ୍ଟ୍ରପତିଙ୍କ ସମ୍ବୋଧନ

ଓଡ଼ିଶା ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ପରିପ୍ରେକ୍ଷୀରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ହୋଇଯାଇଛି । ବୈଠକରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମର ତ୍ରୁଟିଶୂନ୍ୟ ଏବଂ ସୁପରିଚାଳନା ନେଇ ବାଚସ୍ପତି ଗୁରୁତ୍ୱ ପ୍ରଦାନ କରିଛନ୍ତି ।

---

## ଶକ୍ତି ନେତାଙ୍କ ସମ୍ମିଳନୀ

ପୁରୀରେ ଆସନ୍ତାମାସ ୫ରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଶକ୍ତି ନେତାଙ୍କ ସମ୍ମିଳନୀ ଆୟୋଜିତ ହେବ । ଏହା ପୂର୍ବରୁ ନୂଆଦିଲ୍ଲୀଠାରେ କେନ୍ଦ୍ର ଶକ୍ତି, ନବୀନ ଓ ନବୀକରଣୀୟ ଶକ୍ତିରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେଶୋ ନାୟକ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମର ଲୋଗୋ ଓ ୱେବ୍‌ସାଇଟ୍‌କୁ ଉନ୍ମୋଚନ କରିଛନ୍ତି । **ଭାରତକୁ ଶକ୍ତି ପ୍ରଦାନ: ପର୍ଯ୍ୟାପ୍ତ, ସନ୍ତୁଳନ ଏବଂ ନବସୃଜନ** ବିଷୟବସ୍ତୁ ନେଇ ଶକ୍ତି ନେତାଙ୍କ ସମ୍ମିଳନୀ ଆୟୋଜିତ ହେବ ।

---

## ସାଇନ୍ସ ସିଟି

ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱରରେ ସାଇନ୍ସ ସିଟି ନିର୍ମାଣର ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିବା ସହ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଛନ୍ତି ।  ଭୁବନେଶ୍ୱରଠାରେ ପ୍ରସ୍ତାବିତ ସାଇନ୍ସ ସିଟିରେ ଆଧୁନିକ ପ୍ରଦର୍ଶନୀ, ପ୍ରଶିକ୍ଷଣ ସ୍ଥାନ ଏବଂ ଗବେଷଣା ସୁବିଧା ସହ ମତ ବିନିମୟ ଆଧାରିତ କ୍ରିୟାଶୀଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି ।

---

## ବାଲିଯାତ୍ରା

ଏସିଆର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟ ମେଳା ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଉଦ୍‌ଯାପିତ ହୋଇଛି । ଗତକାଲି ଶେଷଦିନରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବାଲିଯାତ୍ରା ବୁଲିଥିବା ଆକଳନ କରାଯାଇଛି ।

---

## ଶିଶୁଦିବସ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ ଆଜି ଶିଶୁଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିନ୍ନ ଭିନ୍ନ ବାର୍ତ୍ତାରେ ଶିଶୁମାନଙ୍କ ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟରେ ଉତ୍ତମ ପରିବେଶ ଏବଂ ଶିଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ୍ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'ର ଉଦ୍‌ଯାପନୀ ଉତ୍ସବରେ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟସ୍ତରୀୟଶିଶୁ କ୍ରୀଡ଼ା ମହୋତ୍ସବ 'ଉତ୍ସାହ'କୁ ଗତକାଲି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି ।

---

## ସମବାୟ ସପ୍ତାହ

ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସମବାୟ ଅନୁଷ୍ଠାନଗୁଡ଼ିକର ପ୍ରମୁଖ ଭୂମିକା ରହିଛି। ୭୨ତମ ନିଖିଳ ଭାରତ

ସମବାୟ ସପ୍ତାହ ଆଜିଠାରୁ ଆରମ୍ଭ ହେଉଛି । ଏହି ପରିପ୍ରେକ୍ଷୀରେ ଏକ ସଚେତନତା ଗଣଦୌଡ଼ ଓ ରାଜ୍ୟସ୍ତରୀୟ ସମବାୟ ପତାକା ଉତ୍ତୋଳନ ଉତ୍ସବ ଭୁବନେଶ୍ୱର ସମବାୟ ଭବନଠାରେ ଅନୁଷ୍ଠିତ ହେବ ।

ମଧୁମେହ ରୋଗ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ମଧ ବିଶ୍ୱ ମଧୁମେହ ରୋଗ ଦିବସ ପାଳନ କରାଯାଉଛି ।

# ପାଣିପାଗ

ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହିତ ହେଉଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ବୃଦ୍ଧି ପାଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଉପକୂଳ ଜିଲ୍ଲାଗୁଡ଼ିକରେ ତାପମାତ୍ରା ୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଗତକାଲି ଦାରିଙ୍ଗିବାଡ଼ିଠାରେ ସର୍ବନିମ୍ନ ତାପମାତ୍ରା ୭ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି ।